

❝ ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଦୁର୍ଘଟଣାକୁ ନେଇ ଆକ୍ରମଣ ଘଟଣା, ଜଣେ ଗିରଫ

ଭୁବନେଶ୍ୱର,୨୭।୪(ବ୍ୟୁରୋ)- କ୍ୟାପିଟାଲ ଥାନା ଅଞ୍ଚଳରେ କାର୍-ବାଇକ ଦୁର୍ଘଟଣାକୁ କେନ୍ଦ୍ର କରି ଆକ୍ରମଣ କରିବା ଘଟଣାରେ ଶନିବାର ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାପୁଜୀ ନଗର ପ୍ଲଟ ନମ୍ବର ୧୬୦ରେ ରହୁଥିବା ଶତ୍ରୁଘ୍ନ ଶାହା(୩୭)। ସୂଚନା ମୁତାବକ, କଟକ ସଦର ଥାନା ଅଞ୍ଚଳର ମନୋରଞ୍ଜନ ଆଚାର୍ଯ୍ୟ ଗତ ୧୫ ତାରିଖରେ ବ୍ୟାଙ୍କ କାମରେ ବାପୁଜୀ ନଗର ଆସିଥିଲେ। ଅଭିଯୁକ୍ତ ଶତ୍ରୁଘ୍ନ ତାଙ୍କ ସହଯୋଗୀଙ୍କୁ ସାଙ୍ଗରେ ନେଇ ବାଇକ୍‌ରେ ଆସୁଥିବା ବେଳେ ମନୋରଞ୍ଜନଙ୍କ କାର୍ ସହ ଧକ୍କା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ କଥା କଟାକଟି ହେବା ସହ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଶତ୍ରୁଘ୍ନ ମୁଥ ମାରି ମନୋରଞ୍ଜନଙ୍କ ମୁହଁ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ମନୋରଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୪୦/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଶରଣାର୍ଥୀ

ଭୁବନେଶ୍ୱର,୨୭।୪(ବ୍ୟୁରୋ)- ଉତ୍କଳ ବିଶ୍ୱବିଦ୍ୟାଳୟର ଆଇନ ମହାବିଦ୍ୟାଳୟରେ ଶନିବାର 'ବିଶ୍ୱଶରଣାର୍ଥୀ ସମସ୍ୟା' ଶୀର୍ଷକ ଦ୍ୱି-ଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଦେଶ ବିଦେଶରୁ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ନିଜର ମତ ଉପସ୍ଥାପନା କରିଥିଲେ। ସାମ୍ପ୍ରତିକ ସମାଜରେ ଶରଣାର୍ଥୀମାନେ କିପରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଅତିଥି ଓ ଭାରତୀୟ ବିଧି ଅନୁଷ୍ଠାନ ଅଧ୍ୟକ୍ଷ ଡ. ମନୋଜ ସିହ୍ନା ମୁଖ୍ୟବକ୍ତା ଏବଂ କଲମ୍ବୋ ବିଶ୍ୱବିଦ୍ୟାଳୟ ପ୍ରଫେସର ଭି.ଟି. ଥମିଲମାରନ୍, ସେବା ମେଡାଲପ୍ରାପ୍ତ ମେଜର ଜେନେରାଲ ଏସ୍.ଡି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଣବ ରଣା ଉପସ୍ଥିତ ଥିଲେ।

# ଧରାପଡ଼ିଲେ ହାଇଟେକ ଠକ, ୧୬ ବାଇକ୍ ଜବତ

ଭୁବନେଶ୍ୱର, ୨୭।୪ (ବ୍ୟୁରୋ)

■ ଓଏଲ୍‌ଏକ୍ସ ବିଜ୍ଞାପନ ଦେଖି ଟାର୍ଗେଟ କରୁଥିଲେ
■ ଟେଷ୍ଟ ଡ୍ରାଇଭ୍ ନାଁରେ ଲୁଟୁଥିଲେ ଗାଡ଼ି




ଗିରଫ ଅଭିଯୁକ୍ତ ଓ ଜବତ ହୋଇଥିବା ବାଇକ୍।

ରାଜଧାନୀରେ ଆତଙ୍କ ଖେଳାଉଥିଲେ ହାଇଟେକ ଠକ। ଓଏଲ୍‌ଏକ୍ସରେ ଦିଆଯାଉଥିବା ଗାଡି ବିଜ୍ଞାପନକୁ ଦେଖି ଠକେଇ ଯୋଜନା କରୁଥିଲେ। ଗାଡ଼ି କିଣିବା ବାହାନାରେ ମାଲିକଙ୍କୁ ଡାକୁଥିଲେ। ଆଉ ଟେଷ୍ଟ ଡ୍ରାଇଭ୍ ନାଁରେ ଗାଡ଼ି ନେଇ ଛୁ' ମାରୁଥିଲେ। ଏହିପରି ୫୦ରୁ ଊର୍ଦ୍ଧ୍ୱ ଗାଡ଼ି ଲୁଟିଥିବା ହାଇଟେକ ଠକଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଶେଷରେ ଗିରଫ କରିଛି। ସେ ହେଲେ ଗଞ୍ଜାମ ଭଞ୍ଜନଗର ନାରାୟଣ ମନ୍ଦିରସାହିର ଅମିତ ପାତ୍ର ଓରଫ ଜିତୁ (୩୦)। ତାଙ୍କ ନିକଟରୁ ପୋଲିସ ୧୬ ବାଇକକୁ ଜବତ କରିଛି। ଏନେଇ ଖଣ୍ଡଗିରି ପୋଲିସ କେସ୍ ନଂ.୯୩/୧୯, ଦଫା ୩୭୯, ୪୨୦ରେ ତାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ନୟାପଲ୍ଲୀ, ଲିଙ୍ଗରାଜ, ଲକ୍ଷ୍ମୀସାଗର ଓ କଟକ ମର୍କତ ନଗର ଥାନାରେ ଏକାଧିକ ମାମଲା ରହିଛି।

ସୂଚନା ଅନୁଯାୟୀ, ଅମିତ ଓଏଲ୍‌ଏକ୍ସରେ ଦିଆଯାଉଥିବା ଗାଡ଼ି ବିଜ୍ଞାପନଦାତାକୁ ଟାର୍ଗେଟ କରୁଥିଲେ। ସେ ଗାଡ଼ି ମାଲିକଙ୍କ ସହ ଯୋଗାଯୋଗ କରି ସମ୍ପର୍କ ବଢ଼ାଉଥିଲେ। ମାଲିକଙ୍କ ବିଶ୍ୱାସ ଜନ୍ମାଇବା ପରେ ଟେଷ୍ଟ ଡ୍ରାଇଭ୍ କରିବାକୁ କହି ଗାଡ଼ି ନେଇ ଛୁ ହୋଇଯାଉଥିଲେ। ଏହିପରି ସେ ମଞ୍ଚେଶ୍ୱର, ଶହୀଦନଗର, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, କଟକ ଓ ବ୍ରହ୍ମପୁର ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ବାଇକ୍ ଲୁଟି ନେଇଥିଲେ। କମିଶନରେଟ ପୋଲିସର ବିଭିନ୍ନ ଥାନାରେ ଅଭିଯୋଗ ହେବାପରେ ସ୍ପେଶାଲ ସ୍କ୍ୱାଡ୍ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ସେମାନେ ବାଇକ୍ ଲୁଟ୍ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ଅମିତଙ୍କୁ ଚିହ୍ନଟ କରିଥିଲେ। ଅମିତ ବିଭିନ୍ନ ଅଞ୍ଚଳରୁ ଗାଡ଼ି ଲୁଟ୍ କରି ନୟାଗଡର ଜଣେ ଗ୍ୟାରେଜ ମାଲିକଙ୍କୁ ୧୫ ହଜାର ଟଙ୍କାରେ ବିକ୍ରି କରୁଥିଲେ। ତାଙ୍କୁ ଧରିବାକୁ ପୋଲିସ ଯୋଜନା କରିଥିଲା। ପୋଲିସ ନିଜେ ଓଏଲ୍‌ଏକ୍ସରେ ଏକ ଗାଡ଼ିର ବିଜ୍ଞାପନ ଦେଇଥିଲା। ଉକ୍ତ ବିଜ୍ଞାପନରେ ଏକ ନୂଆ ଗାଡ଼ି ଦେଖି ଅଭିଯୁକ୍ତ ଅମିତଙ୍କର ଲୋଭ ହୋଇଥିଲା। ତେଣୁ ଓଏଲ୍‌ଏକ୍ସରେ ଦିଆଯାଇଥିବା ଫୋନ୍ ନମ୍ବରରେ କଲ୍ କରିଥିଲେ। ଅମିତ କଲ୍ କରିବା ପରେ ପୋଲିସ ତାଙ୍କୁ ଧରିବା ପଇଁ ପୁରା ପ୍ରସ୍ତୁତ ହୋଇଥିଲା। ସେ ଗାଡି ଦେଖିବା ପାଇଁ ଖଣ୍ଡଗିରି ଥାନା ଅଞ୍ଚଳକୁ ଡାକିଥିଲେ। ପୋଲିସ ସେଠାରେ ସାଦା ପୋଷାକରେ ପହଞ୍ଚିବା ପରେ ଅମିତ ଟେଷ୍ଟ ଡ୍ରାଇଭ୍ କରିବା ପାଇଁ ଗାଡ଼ି ନେବା ସମୟରେ ପୋଲିସ ତାଙ୍କୁ କାବୁ କରିଥିଲା। ପରେ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଲୁଟ୍ ଗାଡିଗୁଡିକୁ ଜବତ କରିଥିଲା। ତେବେ ଲୁଟ୍ ଗାଡି କିଣିଥିବା ଗ୍ୟାରେଜ ମାଲିକଙ୍କୁ ଗିରଫ ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ଏପରିକି ପୋଲିସ ଅମିତଙ୍କୁ ରିମାଣ୍ଡରେ ଆଣି ପୁଣି ପଚରାଉଚରା କରିବ ବୋଲି ଜଣାପଡିଛି।

# ଆବୁଧାବିରେ ପ୍ରତିଫଳିତ ହେଲା ଓଡ଼ିଶାର ସଂସ୍କୃତି




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଶୁକ୍ରବାର ଆବୁଧାବିଠାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରତି ଥିବା ଭଲପାଇବା ଏବଂ ଓଡ଼ିଆ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ ହୋଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବଲିଉଡ୍ ଅଭିନେତ୍ରୀ ନନ୍ଦିତା ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରବାସୀ ଓଡ଼ିଆ ତଥା କୁନି କୁନି ପିଲାଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା। ଓଡ଼ିଆ ପିଲାମାନେ ନିଜର ଆକର୍ଷଣୀୟ ନୃତ୍ୟରେ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲେ। ଆବୁଧାବିରେ ରହୁଥିବା ନୃତ୍ୟ ନିର୍ଦ୍ଦେଶକ ଶ୍ରୁତି ଅଙ୍କିତା, ବିଜୟଲକ୍ଷ୍ମୀ, ରଶ୍ମି ଓ ଶ୍ରୀ ମହାପାତ୍ର ଏହାର ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଶାରୁ ଯାଇଥିବା କଳାକାରମାନେ ମଧ୍ୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ବିଶେଷକରି ଜାତୀୟ ପୁରସ୍କାର ବିଜେତା ପ୍ରକୃତି ମିଶ୍ରଙ୍କ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏହି ଅବସରରେ ଆବୁଧାବି ପ୍ରବାସୀ ଓଡ଼ିଆ ସମାଜ ତରଫରୁ ଉପସ୍ଥିତ ସମସ୍ତ ଦର୍ଶକଙ୍କ ପାଇଁ ସୁସ୍ୱାଦୁ ଓଡ଼ିଆ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆ ସମାଜ ସଭାପତି ଦୀପକ ଦାସ, ଉପସଭାପତି ପ୍ରଶାନ୍ତ ସାହୁ, ସାଧାରଣ ସମ୍ପାଦକ ହେମନ୍ତ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ସଂଘର ଉଦ୍ୟୋକ୍ତା ଅଜାମୁଲ ହକ୍ ଓ ସଞ୍ଜିତ ରାୟ ପରିଚାଳନା କରିଥିବା ବେଳେ ଉପସମ୍ପାଦକ ଦିଲୀପ ଦାସ, ସମ୍ପ୍ରଦାୟ ବ୍ୟାପାର ମୁଖ୍ୟ ବିଶ୍ୱବିଜୟ ମହାନ୍ତି ଓ ମହିଳା ବିଭାଗର ମାନା ସିଂ, ୟସିମ୍ ହକ୍, ପ୍ରଜ୍ଞା ଦାଶ, ଅପରାଜିତା ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ୨ ଗିରଫ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାଲିଆସାହିର ଲୋକନାଥ ପାତ୍ରଙ୍କୁ ଦୁଇଜଣ ଯୁବକ ଗୁରୁବାର ରାତିରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ହୋଇ ଲୋକନାଥ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେବା ସହ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ସାଲିଆସାହିର ସିପୁ ବିଶୋଇ(୧୯) ଓ ସାଲୁ ପାତ୍ର(୨୫)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ଖଣ୍ଡାକୁ ଜବତ କରିଛି। ଆଇପିସି ଦଫା ୩୦୭ ଓ ୩୪ ଲଗାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଲୋକନାଥ ସାଲିଆସାହି ବସ୍ତିବିକାଶ ପରିଷଦରେ ପରିବାର ସହ ରହୁଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ସିପୁ ଓ ଲୋକନାଥଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗୁରୁବାର ରାତି ପ୍ରାୟ ୧୧ଟାରେ ଉକ୍ତ ବସ୍ତିରେ ସିପୁ ଓ ସାଲୁ ମଦ ପିଉଥିଲେ। ଏହି ସମୟରେ ଲୋକନାଥ ସେହିବାଟ ଦେଇ ଯିବା ସମୟରେ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇଥିଲେ। ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲା। ପରେ ସିପୁ ଏକ ଖଣ୍ଡା ଆଣି ଲୋକନାଥଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ପିଠି, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତଳେ ପଡି ଚିତ୍କାର ଲୋକନାଥ ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ।

# ଆଶା ଆଶଙ୍କାରେ ଶ୍ରୀକପିଳେଶ୍ୱର ଦେବଙ୍କ ଯୋଗଦାନ

ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା

ପୁରୁଣା ଭୁବନେଶ୍ୱର, ୨୭।୪(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରାରେ ମା' ଦୁର୍ଗା, ମା' ପାର୍ବତୀ, ପ୍ରଭୁ ବାସୁଦେବ ଏବଂ ଶ୍ରୀକପିଳେଶ୍ୱର ଦେବ ଯାଇଥାନ୍ତି। ଶତାଧିକ ବର୍ଷର ଏହି ପରମ୍ପରାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା ୨୦୧୫ ହାଣ୍ଡିଭଙ୍ଗା ଯାତ୍ରାଠାରୁ। ସେବେଠାରୁ ଉଭୟ ଠାକୁରଙ୍କ ମଧ୍ୟରେ ସମନ୍ୱୟ ପୂର୍ବକ ପରମ୍ପରାକୁ ପୂର୍ବବତ୍ ବଜାୟ ରଖିବାକୁ ବିଭିନ୍ନ ସ୍ତରରେ ଚେଷ୍ଟା କରାଯାଇଥିଲା। ଅଦ୍ୟାବଧି କୌଣସି ପ୍ରକାର ଏହାକୁ ସମାଧାନ କରାଯାଇ ପାରିନାହିଁ। ଏ ନେଇ ଚଳିତବର୍ଷ ମଧ୍ୟ ଶ୍ରୀକପିଳେଶ୍ୱର ଦେବ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରାରେ ସାମିଲ ହେବା ଆଶା ଆଶଙ୍କାରେ ରହିଛି। ବିଭିନ୍ନ ସମୟରେ ବିଭିନ୍ନ ନିଯୋଗ ପ୍ରମୁଖ, ମନ୍ଦିର ପ୍ରଶାସନର ଖାମଖିଆଲ ମନୋଭାବ ପାଇଁ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ହେବା ସହ ଅନିୟମିତତା ଦେଖାଦେଇଥାଏ। ପୁରୀ ଶ୍ରୀମନ୍ଦିର ଭଳି ସ୍ୱତନ୍ତ୍ର ଆଇନ ପ୍ରସ୍ତୁତ କରାଗଲେ ଏଭଳି ବିଭ୍ରାଟର ପୁନରାବୃତ୍ତି ହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ବରଂ ଅତୀତରେ ବିଭ୍ରାଟ ଏବଂ ଭାଙ୍ଗି ଯାଇଥିବା ପରମ୍ପରା ଆଇନ ମାଧ୍ୟମରେ ସୁଧାର ଆସିପାରିବ ବୋଲି ମତପୋଷଣ ହୋଇଛି। ନଚେତ୍ ଏକାଦଶ ଶତାବ୍ଦୀର ଏକାମ୍ର କ୍ଷେତ୍ରର ଐତିହ୍ୟ ଶ୍ରୀଲିଙ୍ଗରାଜ ମନ୍ଦିରର ପରମ୍ପରା ଗୋଟିଏ ପରେ ଗୋଟିଏ ବିଭ୍ରାଟ ହେବ ଏହା ନିଃସନ୍ଦେହ।

# କବିତାରେ ମୌଳିକ ଉପାଦାନଗୁଡ଼ିକ ଅପରିବର୍ତ୍ତିତ ରହିଛି

ଭୁବନେଶ୍ୱର,୨୭।୪(ବ୍ୟୁରୋ)

କବିତ୍ୱ ସବୁ ଯୁଗରେ ସମାଜ ଓ ଜୀବନ ପାଇଁ ଚିରନ୍ତନ ସନ୍ଦେଶ ଦେଇଆସିଛି। ଶାଶ୍ୱତବାଣୀର ଗୁଦ୍ଧିମନ୍ତ ସାହିତ୍ୟ ହିଁ ମଣିଷ ଜାତିର ପଥ ପ୍ରଦର୍ଶକ ହୋଇଛି। ଭାବସମ୍ବେଗ, ଚିତ୍ରଭାଷା, ଆବେଗ, ଅନୁଭବ, ଦୃଷ୍ଟିବୋଧ, ରୋମନ୍ଥନ ଆଦି କବିତ୍ୱର ବ୍ରହ୍ମପିଣ୍ଡ ଭାବେ ସ୍ୱୀକୃତି ପାଇଛି ବୋଲି ଭୁବନେଶ୍ୱର ସାହିତ୍ୟ ସମାଜର ସାରସ୍ୱତ ସମାରୋହରେ ମତପ୍ରକାଶ ପାଇଛି। ଶନିବାର କୃଷକ ସମାଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ରଚନାତ୍ମକ ଚିନ୍ତକ ଶୈଳଜ ରବି ବକ୍ତା ଭାବେ ଯୋଗଦେଇ 'କବିତ୍ୱର ବ୍ରହ୍ମପିଣ୍ଡ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। କବିତାର ବିଭିନ୍ନ ବିବର୍ତ୍ତନ ସତ୍ତ୍ୱେ ତା'ର ମୂଳପିଣ୍ଡର ଉପାଦାନଗୁଡ଼ିକ ଅପରିବର୍ତ୍ତିତ ରହିଛି ବୋଲି ସେ କହିଥିଲେ। ଅନୁଷ୍ଠାନ ସଭାପତି କବି ସୂର୍ଯ୍ୟ ମିଶ୍ର ଆଲୋଚନାରେ ପୌରୋହିତ୍ୟ କରିଥିଲେ। 'କଥା କଥା କବିତା କବିତା' ପତ୍ରିକା ସମ୍ପାଦକ ତଥା କବି ଅକ୍ଷୟ କୁମାର ବେହେରା 'ଏ ମାସର କବି' ହିସାବରେ ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜିତ କବିତା ପାଠୋତ୍ସବରେ ଚମକ ଚାନ୍ଦିନୀ ଦାଶ ଓ ଅଧ୍ୟାପିକା ସୌଦାମିନୀ ବେହେରା ସଂଯୋଜନା କରିଥିବା ବେଳେ ରକ୍ଷକ ନାୟକ, ମଞ୍ଜୁଳା ତ୍ରିପାଠୀ, ଶ୍ରୀନିବାସ ମହାପାତ୍ର, ରମେଶ ମହାନ୍ତି, ଭାରତୀ ଭୂଷଣ ପଟ୍ଟନାୟକ, ବନୋଜ ତ୍ରିପାଠୀ ପ୍ରମୁଖ ନିଜ ରଚିତ ଲେଖା ପାଠ କରିଥିଲେ। ଅନୁଷ୍ଠାନ ଉପସଭାପତି ମିନତି ଦାଶ ଧନ୍ୟବାଦ ଦେଇଥିଲେ।

# ଜଳଦାନ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଶହୀଦ ନଗର ଥାନା ନିକଟରେ ପଞ୍ଚନ ଟ୍ରଷ୍ଟ ପକ୍ଷରୁ ଶନିବାର ଏକ ଜଳଦାନ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିରକୁ ବରିଷ୍ଠ ଆଇନଜୀବୀ ନଟବର ମହାନ୍ତି ଉଦ୍‌ଘାଟନ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ଥଣ୍ଡା ମଧୁର ପାନୀୟ ଜଳ ସହ ବିଭିନ୍ନ ପ୍ରକାର ସର୍ବତ ବିତରଣ କରାଯିବ। ଏହାଦ୍ୱାରା ପ୍ରତିଦିନ ୩୦୦ରୁ ଅଧିକ ପଥଚାରୀ ଉପକୃତ ହେବେ ବୋଲି ଆଶା ରଖାଯାଇଛି।

■ ୭୧ତମ ଏକାମ୍ର ହେରିଟେଜ୍ ଟ୍ରେଲ୍

# ଖଣ୍ଡଗିରି-ଉଦୟଗିରି ପାହାଡ଼ର ଇତିହାସ ଜାଣିଲେ ପର୍ଯ୍ୟଟକ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଏକାମ୍ର କ୍ଷେତ୍ରରେ ଶନିବାର ଆୟୋଜିତ ୭୧ତମ ହେରିଟେଜ୍ ଟ୍ରେଲ୍‌ରେ ପର୍ଯ୍ୟଟକ ଖଣ୍ଡଗିରି-ଉଦୟଗିରି ପାହାଡ଼ ବିଷୟରେ ଅନେକ ଅନାଲୋଚିତ ତଥ୍ୟ ଜାଣିବାକୁ ପାଇଛନ୍ତି। ଏହି ଅବସରରେ ସେମାନେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ବୁଲି ଦେଖିବା ସହ ଏହାର ଇତିହାସ ସମ୍ବନ୍ଧରେ ଅବଗତ ହୋଇଥିଲେ। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀର ମହାବୀର ଜିନଙ୍କ ସମୟରେ ଏହି କୀର୍ତ୍ତିରାଜି କିପରି ଗଢ଼ିଉଠିଥିଲା ଏବଂ ପରେ ଏହାର ପ୍ରଚାର ପ୍ରସାର କିପରି ହୋଇଥିଲା, ତାହା ସମସ୍ତେ ଜାଣିବାକୁ ପାଇଥିଲେ। ପଥପ୍ରଦର୍ଶକ ସତ୍ୟସ୍ୱରୂପ ମିଶ୍ର ସେମାନଙ୍କୁ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ଉତ୍ପତ୍ତି ସମ୍ପର୍କରେ ସୂଚନା ଦେବା ସହ ଏକ ପଦଯାତ୍ରାରେ ନେଇଥିଲେ। ଚେନ୍ନାଇରୁ ଆସି ଏଥିରେ ସାମିଲ ହୋଇଥିବା ମୀନାକ୍ଷୀ କହିଥିଲେ, ମୁଁ ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଛି ଓ ବଡ଼ ହୋଇଛି, କିନ୍ତୁ ଏଠାରେ ରହିଥିବା ଐତିହାସିକ ସ୍ଥାନଗୁଡ଼ିକ ବିଷୟରେ ଏତେ ତଥ୍ୟ ଜାଣି ନ ଥିଲି। ଐତିହ୍ୟ ଟ୍ରେଲ୍‌ରେ ଆସି ବହୁତ କିଛି ଜାଣିବାକୁ ପାଇଲି। ଅଧିକରୁ ଅଧିକ ଲୋକ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିବା ଆବଶ୍ୟକ। ସେହିଭଳି ରବିବାର ପୁରୁଣା ଭୁବନେଶ୍ୱରରେ ଐତିହ୍ୟ ପଦଯାତ୍ରା ସହିତ ଅପରାହ୍ନରେ ପର୍ଯ୍ୟଟକ କଳାଭୂମି ସଂଗ୍ରହାଳୟ ବୁଲି ଦେଖିବାର ଅବସର ପାଇବେ।




ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସ ଫାଉଣ୍ଡେଶନ ପକ୍ଷରୁ ଶନିବାର ଭଞ୍ଜକଳା ମଣ୍ଡପଠାରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବରେ କଳାକାରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

■ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଯାତ୍ରା

# ବିନ୍ଦୁସାଗରରୁ ଚାପ ଡଙ୍ଗା ବାହାରିଲା



ଚନ୍ଦନ ଯାତ୍ରା ପାଇଁ ବିନ୍ଦୁସାଗରରୁ ବାହାରିଥିବା ଡଙ୍ଗା।

ପୁରୁଣା ଭୁବନେଶ୍ୱର, ୨୭।୪(ଡି.ଏନ.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରା ଆସନ୍ତା ଅକ୍ଷୟତୃତୀୟାଠାରୁ ଆରମ୍ଭ ହେବ। ଶନିବାର ପୂର୍ବାହ୍ନରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର ନିର୍ଦ୍ଦେଶକ୍ରମେ ଶ୍ରୀଜୀଉମାନଙ୍କ ଚାପ କ୍ରୀଡା ପାଇଁ ବିନ୍ଦୁସାଗରର ବ୍ରହ୍ମା ଘାଟରେ ପାଣିରେ ବୁଡାଇ ରଖା ଯାଇଥିବା ଚାପ ଡଙ୍ଗାକୁ କଢାଯାଇଛି। ୪ଦିନ ଡଙ୍ଗାକୁ ଖରା ଦିଆଯିବା ପରେ ଯାଞ୍ଚ କରାଯିବ। ପରେ ଏହାକୁ ରଙ୍ଗ ଲେପ ଦିଆଯିବ। ତେଣୁ ଚନ୍ଦନ ଯାତ୍ରା ପୂର୍ବରୁ ରୁକୁଣା ରଥରୁ ପ୍ରଭା ଏବଂ ସିଂହାସନ ଆସିବା ପରେ ଚାପ ଡଙ୍ଗା ନିର୍ମାଣ କରାଯିବ ବୋଲି ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କହିଛନ୍ତି।

# ରାଜଧାନୀ ଉପକଣ୍ଠରେ କନ୍ଦାପଥର ଚୋରାଚାଲାଣ

ବାରଙ୍ଗ,୨୭।୪(ଡି.ଏନ୍.ଏ.)

■ ଥାନାଠାରୁ ୩କିମି ଦୂରରେ ଚାଲିଛି ପଥର ଲୁଟ୍
■ ପୋଲିସ, ରାଜସ୍ୱ ଅଧିକାରୀଙ୍କ ପାଖରେ ଖବର ନାହିଁ

ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆ, ଜଗନ୍ନାଥପ୍ରସାଦ ଓ ଦାସପୁର ଅଞ୍ଚଳରୁ ବେଆଇନ ଭାବେ ଚାଲିଛି ମୂଲ୍ୟବାନ କନ୍ଦାପଥର ଚୋରାଚାଲାଣ। ମାଫିଆମାନେ କେବଳ ଏତିକିରେ ସନ୍ତୁଷ୍ଟ ନ ହୋଇ ଚୋରାମାଟି, ମୋରମ ମଧ୍ୟ ଚୋରି କରିଚାଲିଛନ୍ତି। ଚନ୍ଦକା ଥାନା ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୩କିମି ଦୂରରେ ମାଫିଆମାନେ ବେଧଡ଼କ ଏହି ବ୍ୟବସାୟ କରୁଛନ୍ତି। ଏହାସତ୍ତ୍ୱେ ଏ ଚୋରାଚାଲାଣ ବିଷୟରେ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି ଖବର ନାହିଁ। ସ୍ଥାନୀୟ ଅଞ୍ଚଳରୁ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଲୁଟ୍ ହେଉଥିବାବେଳେ ପ୍ରଶାସନର ନୀରବଦ୍ରଷ୍ଟା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରକାଶ ଯେ, ଭୁବନେଶ୍ୱର ବ୍ଲକ ଅଧୀନସ୍ଥ ଅନ୍ଧାରୁଆ ଜଗନ୍ନାଥପ୍ରସାଦ ମୌଜାରେ ରହିଛି ପାଦପଦ୍ମ ପାହାଡ। ଘଞ୍ଚ ଜଙ୍ଗଲ ଘେରା ଏହି ପରିବେଶ ଧୀରେ ଧୀରେ ଏବେ ନଷ୍ଟହେବାକୁ ବସିଲାଣି। ଏହି ପାହାଡ ଉପରେ ଧବଳକେନ୍ଦ୍ରିକ ବ୍ୟକ୍ତିମାନଙ୍କ ଲୋଲୁପ ଦୃଷ୍ଟି ପଡିବାରୁ ଏହା ଅବକ୍ଷୟ ହେବାକୁ ଆରମ୍ଭ କଲାଣି। ପାହାଡରେ ମୂଲ୍ୟବାନ କନ୍ଦାପଥର ଭରା ଖଣିର ଗନ୍ତାଘର। ଏହି କନ୍ଦାପଥର ବିଶେଷକରି ମନ୍ଦିର କାରୁକାର୍ଯ୍ୟରେ ଲାଗିଥିବାରୁ ଏହାର ମୂଲ୍ୟ ଅଧିକ ଥାଏ। ଏହି ପାହାଡର ଏକ ପାର୍ଶ୍ୱରୁ ମାଫିଆମାନେ ଜେସିବି ଲଗାଇ ଖୋଳି କନ୍ଦାପଥର ସବୁ ଚୋରିକରି ଚାଲିଛନ୍ତି। ଦିନଦ୍ୱିପ୍ରହରରେ ଟ୍ରକ ଓ ଟ୍ରାକ୍ଟର ଯୋଗେ ପାହାଡରୁ ଏହି କନ୍ଦାପଥର ଆସି ନିକଟସ୍ଥ ଶଶ୍ମାନ ଓ ସୁନ୍ଦରପୁର ମୁଣ୍ଡାସାହି ପାଖରେ ଗଚ୍ଛିତ ହୋଇରହୁଥିବାର ଦେଖିବାକୁ ମିଳିଛି। ପ୍ରାୟ ୩୦ଏକରରୁ ଊର୍ଦ୍ଧ୍ୱ ଜାଗାରୁ କନ୍ଦାପଥର ଯାଇ ବଡବଡ ଗର୍ତ୍ତରେ ପରିଣତ ହୋଇଛି। ମାଫିଆ ଓ ସ୍ଥାନୀୟ ପ୍ରଶାସନର ଜ୍ଞାତସାରରେ ଏହି ଚୋରା କାରବାର ହେଉଥିବାର ସ୍ପଷ୍ଟ ଅନୁମାନ ହେଉଛି। ଏହାସହ ଏହି ମାଫିଆମାନେ ଚୋରାମାଟି ଓ ମୋରମ ଉଠାଇ ବିକ୍ରି କରୁଥିବାର ମଧ୍ୟ ଜଣାପଡିଛି। ଏ ବିଷୟରେ ଚନ୍ଦକା ରାଜସ୍ୱ ଅଧିକାରୀ ଦୁଃଖିଶ୍ୟାମ ସ୍ୱାଇଁ କୁହନ୍ତି, ମୁଁ ଶୁକ୍ରବାର ଖବର ପାଇଛି ଦେଖିକି କହିବି ବୋଲି କହିଛନ୍ତି। ଚନ୍ଦକା ଥାନାଧିକାରୀ ଦେବେନ୍ଦ୍ର ବିଶ୍ୱାଳ ଏହି ଘଟଣା ବିଷୟରେ ଜାଣି ନ ଥିବାର ପ୍ରକାଶ କରିଛନ୍ତି। ଅନ୍ଧାରୁଆ ଗ୍ରାମପଞ୍ଚାୟତ ସରପଞ୍ଚ ଦିଲୀପ ତରାଇଙ୍କୁ ପଚାରିବାରେ, ଏ ବିଷୟରେ ଚନ୍ଦକା ରାଜସ୍ୱ ଅଧିକାରୀ, ଭୁବନେଶ୍ୱର ତହସିଲଦାର, ଚନ୍ଦକା ଥାନାଧିକାରୀଙ୍କୁ ବହୁ ଆଗରୁ ଲିଖିତଭାବେ ଜଣାଇ ଥିଲେ ମଧ୍ୟ ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି କହିଛନ୍ତି ।





ସଂସାରରେ ପିମ୍ପୁଡି ଭଳି ରୁହ। ବାଲିଚିନି ମିଶିଥିଲେ ପିମ୍ପୁଡି ଯେପରି ଚିନିକୁ ଅଲଗା କରିନିଏ, ସେହିପରି ସଂସାର ନିତ୍ୟ ଓ ଅନିତ୍ୟ ବସ୍ତୁ ମଧ୍ୟରୁ ନିତ୍ୟ ବସ୍ତୁକୁ ଗ୍ରହଣ କର।
- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ମାମଲା
## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

**କଟକ ଅଫିସ୍, ୨୭।୪:** ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ କଟକ ସ୍ୱତନ୍ତ୍ର କୋର୍ଟ ବିଚାରପତି ବନ୍ଦନା କର ଶନିବାର ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ସେକ୍ ବୁଲୁ। ସୂଚନା ଅନୁଯାୟୀ, କଟକ ଚାଉଳିଆଗଞ୍ଜ ଥାନା ଅଞ୍ଚଳରେ ଉକ୍ତ ୭ବର୍ଷ ବୟସର ନାବଳିକା ନିଜ ମା'ଙ୍କ ସହିତ ରହୁଥିଲେ। ନାବାଳିକାଙ୍କ ବାପା ସେମାନଙ୍କୁ ଛାଡି ପଳାଇଥିଲେ। ଅଭିଯୁକ୍ତ ବୁଲୁ ସେମାନଙ୍କ ଘରେ ରହୁଥିଲେ। ଅନେକ ସମୟରେ ଏହି ନାବାଳିକାଙ୍କୁ ତାଙ୍କ ମା'ଙ୍କ ସହିତ ମିଶି ବୁଲୁ ବଳାତ୍କାର ଓ ଶାରିରୀକ ନିର୍ଯାତନା ଦେଉଥିଲେ। ଘଟଣା ଜଣାପଡ଼ିବା ପରେ ଚାଇଲ୍ଡଲାଇନ ପକ୍ଷରୁ ନାବାଳିକାଙ୍କୁ ଉଦ୍ଧାର କରାଯିବା ସହିତ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଅଭିଯୁକ୍ତ ବୁଲୁଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କ ମା' ଫେରାର ହୋଇଯାଇଥିଲେ। ମାମଲାର ଶୁଣାଣି କରି ବିଚାରପତି କର ଅଭିଯୁକ୍ତଙ୍କୁ ଆଜୀବନ ଦେଲ ଦଣ୍ଡରେ ଦଣ୍ଡିତ କରିବା ସହିତ ଏଭଳି ଅପରାଧରେ ଅଭିଯୁକ୍ତଙ୍କୁ କଠୋରରୁ କଠୋର ଦଣ୍ଡ ଦିଆ ନ ଗଲେ ଏହା ସମାଜ ଉପରେ କୁପ୍ରଭାବ ପକାଇବ ବୋଲି ରାୟରେ ମତ ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ମାଡ଼ମାରି ଇଞ୍ଜିନିୟରିଂ ଛାତ୍ର ଗିରଫ

**ଭୁବନେଶ୍ୱର, ୨୭।୪(ବ୍ୟୁରୋ):** ଇନଫୋସିଟି ଥାନା ଅଞ୍ଚଳରେ ଜଣେ ବରିଷ୍ଠ ନାଗରିକଙ୍କୁ ଗାଳିଗୁଲଜ କରିବାସହ ମାଡ଼ ମାରିଥିବା ଅଭିଯୋଗରେ ଶନିବାର ପୋଲିସ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ ରାହୁଲ ରନା। ରାହୁଲ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ତୃତୀୟ ବର୍ଷର ଛାତ୍ର। ଶୁକ୍ରବାର ରାତି ୧୦ଟାବେଳେ ଉକ୍ତ ଘରୋଇ କଲେଜ ନିକଟରେ ରାହୁଲଙ୍କ ସହ ଜଣେ ବରିଷ୍ଠ ନାଗରିକଙ୍କ ପାଟିତୁଣ୍ଡ ହୋଇଥିଲା। ପାଟିତୁଣ୍ଡରୁ ରାହୁଲ ରାଗିଯାଇ ତାଙ୍କୁ ମାଡ ମାରିଥିଲେ। ଫଳରେ ଏ ନେଇ ବରିଷ୍ଠ ନାଗରିକ ଜଣଙ୍କ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୮/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶ୍ରୀମନ୍ଦିରରେ ର୍ୟାମ୍ପ ବିବାଦ
# ମୁଖ୍ୟ ପ୍ରଶାସକଙ୍କୁ ଦିବ୍ୟାଙ୍ଗ ଭକ୍ତଙ୍କ ସ୍ମାରକପତ୍ର

**ପୁରୀ ଅଫିସ, ୨୭।୪**

ଦିବ୍ୟାଙ୍ଗ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ପରିସରରେ ତିଆରି ଚାଲିଛି ର୍ୟାମ୍ପ। ହେଲେ ଏହି ର୍ୟାମ୍ପ ଆନନ୍ଦ ବଜାର ମଧ୍ୟ ଦେଇ ଯାଉଥିବାରୁ ଏହାକୁ ନେଇ ବିବାଦ ବଢୁଛି। ସୁଆର ସେବକମାନେ ଆନନ୍ଦ ବଜାର ମଧ୍ୟ ଦେଇ ର୍ୟାମ୍ପ ନିଆ ନ ଯାଉ ବୋଲି ବାରମ୍ବାର ମନ୍ଦିର ପ୍ରଶାସନକୁ ଜଣାଉଛନ୍ତି। ହେଲେ ସେମାନଙ୍କ କଥା ଶୁଣାଯାଉ ନାହିଁ, ପ୍ରଶାସନ ତା ଇଚ୍ଛାରେ କାମ କରୁଛି ବୋଲି ସୁଆର ସେବକ କହୁଥିବା ବେଳେ ର୍ୟାମ୍ପ ନେଇ କୌଣସି ସମସ୍ୟା ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି। ସମସ୍ତଙ୍କ ସହମତିରେ ର୍ୟାମ୍ପ ତିଆରି କରାଯାଉଛି ବୋଲି ସେ ମତ ଦେଇଛନ୍ତି। କିନ୍ତୁ ଶନିବାର ଜଣେ ଦିବ୍ୟାଙ୍ଗ ଭକ୍ତ ଏ ସଂକ୍ରାନ୍ତରେ ମୁଖ୍ୟ ପ୍ରଶାସକଙ୍କ ପାଖକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ଆନନ୍ଦ ବଜାର ମଧ୍ୟ ଦେଇ ନୁହେଁ, ଅନ୍ୟ ଦ୍ୱାର ଦେଇ କିମ୍ବା ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ଲାଗି ବିକଳ୍ପ ବ୍ୟବସ୍ଥା କରିବାକୁ ସେ ଏଥିରେ ଦର୍ଶାଇଛନ୍ତି।

### ଆନନ୍ଦ ବଜାର ମଧ୍ୟ ଦେଇ ର୍ୟାମ୍ପ ନ ନେବାକୁ ଅନୁରୋଧ

ଖଡ଼ିପଦାର ଦିବ୍ୟାଙ୍ଗ ଭକ୍ତ ଦୁଃଶାସନ ବେହେରା ଏହି ସ୍ମାରକପତ୍ରରେ ଦର୍ଶାଇଛନ୍ତି ଯେ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦିବ୍ୟାଙ୍ଗ ଦର୍ଶନାର୍ଥୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ସୁଯୋଗ କରାଯାଉଛି। ହେଲେ ବର୍ତ୍ତମାନ ମନ୍ଦିର ପ୍ରଶାସନ ଦିବ୍ୟାଙ୍ଗ ଭକ୍ତଙ୍କ ଲାଗି ଯେଉଁ ସ୍ୱତନ୍ତ୍ର ରାସ୍ତା (ର୍ୟାମ୍ପ) ତିଆରି ଚାଲିଛି ତାହା ଆନନ୍ଦ ବଜାର ମଧ୍ୟ ଦେଇ ନିର୍ମାଣ କରାଯାଉଛି। ହେଲେ ଆନନ୍ଦ ବଜାରରେ ସଦାସର୍ବଦା ଗହଳି ଲାଗି ରହୁଛି। ପୂର୍ବାପେକ୍ଷା ଆନନ୍ଦବଜାର ଏବେ ଆହୁରି ସଙ୍କୁଚିତ ହୋଇଗଲାଣି। ଏହାବ୍ୟତୀତ ଅନେକ ସମୟରେ ଆନନ୍ଦ ବଜାରକୁ ଗରମ କୁଡୁଆ ମହାପ୍ରସାଦ ଅଣାଯାଇଥାଏ। ତେଣୁ ର୍ୟାମ୍ପ ଆନନ୍ଦ ବଜାର ମଧ୍ୟ ଦେଇ ଯିବା ଠିକ୍ ହେଉନାହିଁ। ଯଦି କୌଣସି ଅଘଟଣ ଘଟିଲା ତେବେ ସେଥିପାଇଁ ସୁଆର ସେବକମାନେ ଦାୟୀ ରହିବେ ନାହିଁ ବୋଲି ପ୍ରଶାସନକୁ ଜଣାଇଛନ୍ତି। ତେଣୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ର୍ୟାମ୍ପ ଉତ୍ତର ଦ୍ୱାର ବାଟେ ନ କରି ଅନ୍ୟ ଦ୍ୱାରରେ ନିର୍ମାଣ କରାଗଲେ କୌଣସି ଅସୁବିଧା ହେବ ନାହିଁ। ଦକ୍ଷିଣ ଦ୍ୱାର ହେଉ କିମ୍ବା ବିଶେଷ ଗହଳି ହେଉ ନ ଥିବା ପଶ୍ଚିମ ଦ୍ୱାର ଦେଇ ର୍ୟାମ୍ପ କରାଯାଉ। ନଚେତ୍ ଅନ୍ୟ ବ୍ୟକ୍ତିଙ୍କ ଆଶ୍ରାରେ ଦିବ୍ୟାଙ୍ଗ ଭକ୍ତମାନଙ୍କୁ ଦର୍ଶନ ବ୍ୟବସ୍ଥା କରାଯାଉ ବୋଲି ଦୁଃଶାସନ ଏହି ସ୍ମାରକପତ୍ରରେ ଅନୁରୋଧ କରିଛନ୍ତି।

ସୂଚନାଥାଉ କି, ଶୁକ୍ରବାର ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗଣମାଧ୍ୟମକୁ କହିଥିଲେ ର୍ୟାମ୍ପକୁ ନେଇ କୌଣସି ସମସ୍ୟା ନାହିଁ। ସୁଆର ସେବକମାନେ ର୍ୟାମ୍ପକୁ ନେଇ ଯେଉଁ ସମସ୍ୟା ଉତ୍ଥାପନ କରୁଥିଲେ ତାହାର ସମାଧାନ ହୋଇଛି। ଜିଲାପାଳ, ଏସ୍‌ପି ଏବଂ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତା ଘଟଣାସ୍ଥଳକୁ ଯାଇ ସ୍ଥିତି ଦେଖିଛନ୍ତି। ଏହି କମିଟିର ନିଷ୍ପତ୍ତି ଅନୁଯାୟୀ କାମ ଚାଲିଛି। ସେହିପରି ଶନିବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଛନ୍ତି, ବାରମ୍ବାର ଏହାର ଅନୁଧ୍ୟାନ କରାଯାଇଥିବା ବେଳେ ଏକାଧିକ ଥର ବୈଠକ ବସି ଆଲୋଚନା ହୋଇଛି। ର୍ୟାମ୍ପକୁ ନେଇ କୌଣସି ଅସୁବିଧା ନାହିଁ। ବ୍ୟବସ୍ଥିତ ଢଙ୍ଗରେ ଏହା ହୋଇଛି ବୋଲି ମତ ଦେଇଛନ୍ତି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ର୍ୟାମ୍ପକୁ ନେଇ କୌଣସି ସମସ୍ୟା ନ ଥିବା କହୁଥିବା ବେଳେ ସୁଆର ସେବକ ବାରମ୍ବାର ପ୍ରଶାସନକୁ ଲିଖିତ ଭାବେ ଜଣାଇବା ଏବଂ ଜଣେ ଦିବ୍ୟାଙ୍ଗ ଭକ୍ତ ଆନନ୍ଦ ବଜାର ମଧ୍ୟ ଦେଇ ର୍ୟାମ୍ପ ଗଲେ କିଭଳି ଅସୁବିଧା ହେବ ତାହା ଅବଗତ କରାଇବା ସମନ୍ୱୟ ଅଭାବକୁ ସ୍ପଷ୍ଟ କରୁଛି।



**ପ୍ରବଳ ତାତି:** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଏକ ହାତୀ ଶାବକ ଉପରେ ପାଣି ଢାଳୁଛନ୍ତି କେୟାରଟେକର। (ଫଟୋ: ମୌସମ ନନ୍ଦ)

## ନନ୍ଦନକାନନ ପାଳିଲା ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

**ବାରଙ୍ଗ, ୨୭।୪(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଶନିବାର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ନିର୍ଦ୍ଦେଶକ ଶଶି ପଲ, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ବରିଷ୍ଠ ପ୍ରାଣୀ ଚିକିତ୍ସକ ଆଲୋକ କୁମାର ସାହୁ ଅତିଥିଭାବେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ୨୦୦୦ ମସିହାରେ ହୋଇଥିବା ବାଘମଡକ ନନ୍ଦନକାନନ ପାଇଁ ଦୁଃଖଦ ଖବର ଥିବାବେଳେ ଏହି ଘଟଣାରୁ କର୍ତ୍ତୃପକ୍ଷ କିଛି ଶିକ୍ଷା ମଧ୍ୟ ପାଇଛି। ସଂକ୍ରମଣରେ ବାଘମାନଙ୍କ ମୃତ୍ୟୁ ଯୋଗୁ ଏହି ଘଟଣାର ପରବର୍ଷଠାରୁ ନନ୍ଦନକାନନ ସମେତ ଆଖପାଖ ଅଞ୍ଚଳରେ ଥିବା ଗୃହପାଳିତ ପଶୁମାନଙ୍କୁ ଭ୍ୟାକସିନ ଦେବାର ବ୍ୟବସ୍ଥା ଚାଲିଛି। ଯେତେବେଳେ ପଶୁଟି ସୁସ୍ଥ ଥାଏ ସେ ସମୟରେ ତାକୁ ଭ୍ୟାକସିନର ଆବଶ୍ୟକତା ପଡ଼େ। କିନ୍ତୁ ବିଭିନ୍ନ ରୋଗରେ ସଂକ୍ରମଣ ହୋଇସାରିବାପରେ ଭ୍ୟାକସିନ ଦେଲେ ସେ ଅସୁସ୍ଥ ହୋଇଯାଏ ବୋଲି ପ୍ରାଣୀ ଚିକିତ୍ସକ ଆଲୋକ ସାହୁ କହିଛନ୍ତି। ୨୦୦୧ରୁ ପାଳନ କରାଯାଉଥିବା ଏହି ଦିବସକୁ ନନ୍ଦନକାନନ ଦ୍ୱିତୀୟଥର ପାଇଁ ପାଳନ କରୁଛି। ଆଖପାଖ ଗ୍ରାମବାସୀ ଏଥିପ୍ରତି ସଚେତନ ହେବା ସହ ସମୟାନୁକ୍ରମେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଗୃହପାଳିତ ପଶୁମାନଙ୍କୁ ଦିଆଯାଉଥିବା ଭ୍ୟାକସିନର ଫାଇଦା ଉଠାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜନ୍ତୁ ବିଭାଗ ଏସିଏଫ ଅଞ୍ଜନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ଦସ୍ତଖତ ଅଭିଯାନକୁ ଉପନିର୍ଦ୍ଦେଶକ ଦାସ ପ୍ରଥମେ ଦସ୍ତଖତ କରି ଶୁଭାରମ୍ଭ କରିଥିଲେ। ପରେ ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଅଭିଯାନରେ ସାମିଲ ହୋଇଥିଲେ। ନନ୍ଦନକାନନର ପୂର୍ବତନ ନିର୍ଦ୍ଦେଶକ ବୈରାଗୀଚରଣ ପୃଷ୍ଟିଙ୍କର ଦେହାନ୍ତ ଯୋଗୁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରକୃତି ଚେତନା କେନ୍ଦ୍ର ଆଗରେ ନନ୍ଦନକାନନ ପର୍ଯ୍ୟଟକ ଏସିଏଫ ଅମୂଲ୍ୟ କୁମାର ପରିଡାଙ୍କ ନେତୃତ୍ୱରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ୨୦ଜଣ ପର୍ଯ୍ୟଟକଙ୍କୁ ନନ୍ଦନକାନନ ତରଫରୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଇଭିଏମ୍ ଭଙ୍ଗାରୁଜାକୁ ୫ ଦିନ ପୂରିଲା
## ଓମ୍‌ପ୍ରକାଶଙ୍କ ପତ୍ତା ପାଉନି ପୋଲିସ

**ପୁରୀ ଅଫିସ, ୨୭।୪**

ବୁଥ୍‌ରେ ପଶି ଇଭିଏମ୍ ଭଙ୍ଗାରୁଜା ଏବଂ ପୋଲିଂ ଅଧିକାରୀଙ୍କୁ ଆକ୍ରମଣ ଘଟଣାକୁ ଇତିମଧ୍ୟରେ ୫ ଦିନ ବିତିଛି। ହେଲେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ରଙ୍କ ପତ୍ତାପାଉନି ପୋଲିସ। ଦିନ ଯେତେ ଗଡୁଛି ଓମ୍‌ପ୍ରକାଶଙ୍କ ପାଇଁ ଅଡୁଆ ମଧ୍ୟ ସେମିତି ବଢୁଛି। ଫେରାର୍ ଥିବା ଓମ୍‌ପ୍ରକାଶଙ୍କ ସମ୍ପର୍କରେ ଶନିବାର ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ତାଙ୍କୁ ଧରିବା ଲାଗି ପୋଲିସ ଚେଷ୍ଟା ଚଳାଇଛି। ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରାଯାଇଛି। ଏତଦ୍‌ବ୍ୟତୀତ ତାଙ୍କ ସହଯୋଗୀ ଏବଂ ସମ୍ପର୍କୀୟଙ୍କ ଉପରେ ମଧ୍ୟ ପୋଲିସ ନଜର ରଖିଛି। ତାଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ଲାଗି କୋର୍ଟରେ ଆବେଦନ କରାଯାଇଛି। ଅନୁମତି ମିଳିବା ପରେ ତାଙ୍କୁ ପଳାତକ ଘୋଷଣା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ। କିନ୍ତୁ ଏହି ସମୟ ମଧ୍ୟରେ ତାଙ୍କୁ ଗିରଫ କରିବା ଲାଗି ଚେଷ୍ଟା କରୁଛୁ। ଏଥିପାଇଁ ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

### ଏନ୍‌ବିଡବ୍ଲ୍ୟୁ ପାଇଁ ଆବେଦନ

ସୂଚନାଥାଉ କି, ଗତ ୨୩ ତାରିଖରେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୀରକେଶରୀପୁର ୭୮ନଂ. ବୁଥ୍‌ରେ ମତଦାନ ଚାଲିଥିବା ବେଳେ ଓମ୍‌ପ୍ରକାଶ ସହଯୋଗୀଙ୍କ ସହ ପହଞ୍ଚି ପୋଲିଂ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ଇଭିଏମ୍‌କୁ ଭାଙ୍ଗି ଦେଇଥିଲେ ବୋଲି କଣାସ ବ୍ଲକର ଗଡ଼ିଶାଗୋଦା ଥାନାରେ ଅଭିଯୋଗ ହୋଇଥିଲା। ଏହା ପରଠାରୁ ଓମ୍‌ପ୍ରକାଶ ଫେରାର୍ ଅଛନ୍ତି। ଶୁକ୍ରବାର ତାଙ୍କର ଏକ ଭିଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେ ଦାବି କରିଥିଲେ।

# ଅଯୋଧ୍ୟା ସିଂହାସନରେ ଅଭିଷିକ୍ତ ହେଲେ ଶ୍ରୀରାମ

**ପୁରୀ ଅଫିସ, ୨୭।୪**

ପିତୃସତ୍ୟ ପାଳି ୧୪ ବର୍ଷ ବନବାସରେ ଗଲେ ଶ୍ରୀରାମ। ଭ୍ରାତୃଭକ୍ତ ଭରତ ଅଯୋଧ୍ୟା ସିଂହାସନରେ ଶ୍ରୀରାମଙ୍କ ପାଦୁକା ସ୍ଥାପନ କରି ରାଜ୍ୟ ପରିଚାଳନା କଲେ। ୧୪ ବର୍ଷ ପୂରିବାର ଠିକ୍ ଗୋଟିଏ ଦିନ ପୂର୍ବରୁ ରାମଚନ୍ଦ୍ର ନ ଆସିବାରୁ ଭରତ ଅଗ୍ନିରେ ଝାସ ଦେବେ ବୋଲି ସ୍ଥିର କଲେ। ଏହି ସମୟରେ ହନୁମାନ ପହଞ୍ଚି ଭରତକୁ ରୋକିଛନ୍ତି। ଏହାପରେ ଭରତ ସିଂହାସନରୁ ପାଦୁକା ନେଇ ଶ୍ରୀରାମଙ୍କ ପାଖକୁ ଯାଇଛନ୍ତି। ଶ୍ରୀରାମଙ୍କୁ ପାଦୁକା ଅର୍ପଣ କରି ରାଜ୍ୟଭାର ଗ୍ରହଣ କରିବା ଲାଗି ଅନୁରୋଧ କରିଛନ୍ତି। ଏହାପରେ ଅଯୋଧ୍ୟା ସିଂହାସନରେ ଶ୍ରୀରାମଚନ୍ଦ୍ର ଅଭିଷିକ୍ତ ହୋଇଛନ୍ତି। ରାମ ନବମୀଠାରୁ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀରାମ ଲୀଳା ଏବଂ ଶ୍ରୀକ୍ଷେତ୍ରର ସାହିଯାତରେ ଶନିବାର ଏହି ରାମାଭିଷେକ ନୀତି ସମ୍ପନ୍ନ ହୋଇଛି।



ଗଉଡ଼ବାଡ଼ସାହିରୁ ଭରତ, ଶତ୍ରୁଘ୍ନ, ହନୁମାନ ଓ ଋଷି ବଶିଷ୍ଠ ନୀତି ପାଇଁ ଯାଉଛନ୍ତି।

### ସାହିଯାତ ଉଦ୍‌ଯାପିତ

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଏବଂ ଦକ୍ଷିଣୀ ଘର ପୂଜା ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ଚଳନ୍ତି ବିଗ୍ରହ ରତ୍ନସିଂହାସନକୁ ବିଜେ ହୋଇଥିଲେ। ସେଠାରୁ ଆଜ୍ଞାମାଳ ପାଇ ବିମାନରେ ନନ୍ଦିଗ୍ରାମକୁ ବିଜେ ହୋଇଥିଲେ। ମାର୍କେଟ ଛକ ନିକଟସ୍ଥ ଚୁଡାପଟିଠାରେ ଏକ ଚାଳିଘର ନିର୍ମାଣ ହୋଇଥିଲା। ତାହାକୁ ନନ୍ଦିଗ୍ରାମ କୁହାଯାଏ। ଅନ୍ୟପକ୍ଷରେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଚାଲିଥିବା ବେଳେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ଦୁଇଜଣ ଭରତ ଏବଂ ଶତ୍ରୁଘ୍ନ ବେଶ ହୋଇ ଶ୍ରୀମନ୍ଦିରକୁ ଆସିଥିଲେ। ଶ୍ରୀମନ୍ଦିରର ଭଣ୍ଡାର ଘରୁ ଘଣ୍ଟ, ଛତା, କାହାଳି ସହିତ ପାଦୁକା ନେଇ ରାମାଭିଷେକ ନୀତି ନିମନ୍ତେ ନନ୍ଦିଗ୍ରାମକୁ ଯାଇଥିଲେ। ସେଠାରେ ଭରତ ରାମଚନ୍ଦ୍ରଙ୍କୁ କଠଉ ଫେରାଇ ଥିଲେ। ଏହାପରେ ଠାକୁର(ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ) ବିମାନରେ ବିଜେ ହୋଇ ଲକ୍ଷ୍ମୀମନ୍ଦିର ଜଗମୋହନକୁ ଯାଇଥିଲେ। ସେଠାରେ ପଡିଥିବା ଖଟ ଉପର ସିଂହାସନରେ ବିଜେ ହୋଇଥିଲେ। ସେଠାରେ ଠାକୁରଙ୍କ ମହାସ୍ନାନ ହୋଇ ମାଳ, ଫୁଲ ଲାଗି ବେଶ ବଢିଥିଲା। ଏହାପରେ ଅଭିଷେକ ଭୋଗ ହୋଇଥିଲା। ମହାସୁଆର ଛେକ ଘେନି ଆସିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରାଇଥିଲେ। ପୂଜାପଣ୍ଡା ପଞ୍ଚପୋଚାରରେ ପୂଜା କରି ଭୋଗ ଲଗାଇଥିଲେ। ଏହାପରେ ଠାକୁରଙ୍କ ବନ୍ଦାପନା ନୀତି ଅନୁଷ୍ଠିତ ହୋଇଥିଲା। ଠାକୁର ଦକ୍ଷିଣୀ ଘରକୁ ବିଜେ ହେବା ପରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡସିଂହାର ନୀତି ବଢି ପହୁଡ ହୋଇଥିଲା। ପ୍ରକାଶ ଥାଉ କି, ବୈଶାଖ କୃଷ୍ଣ ଦ୍ୱିତୀୟା ପରେ ଯେଉଁ ଦିନ ପୁଷ୍ୟା କର୍କଟ ନକ୍ଷତ୍ର ଥାଇ ମହାପ୍ରଭୁଙ୍କ ତାର ଶୁଦ୍ଧି ଥାଏ ସେହିଦିନ ରାମାଭିଷେକ ନୀତି ସମ୍ପନ୍ନ ହୋଇଥାଏ। ଗୌଡବାଡ ସାହି ପକ୍ଷରୁ ସାହିଯାତ୍ରା କ୍ରମରେ ରାମାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ଗୌଡବାଡ ସାହି ପକ୍ଷରୁ ଭରତ, ଶତ୍ରୁଘ୍ନ, ବଶିଷ୍ଠ ଏବଂ ହନୁମାନ ବାହାରି ନୀତିରେ ସାମିଲ ହୋଇଥିଲେ। ଏହାସହିତ ଶ୍ରୀକ୍ଷେତ୍ର ସାହିଯାତ ଉଦ୍‌ଯାପିତ ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ବିପିନ



ଅମିତ



ସନ୍ତୋଷ



ସୂର୍ଯ୍ୟକାନ୍ତ



ରୁବି



ରଶ୍ମିରଞ୍ଜନ



ସମୀର



ସନାତନ



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ଡେଷ୍ଟିଟ୍ୟୁଟ ଫ୍ରି ହେଲା ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ
### ସ୍ଥାନାନ୍ତର ହେଲେ ୩୭ ରୋଗୀ

**କଟକ ଅଫିସ୍,୨୭।୪:** ପୁରୀ ଜିଲା କଣାସ ଅଞ୍ଚଳରେ ଥିବା ନୀଳାଚଳ ସେବା ପ୍ରତିଷ୍ଠାନକୁ ସ୍ଥାନାନ୍ତରିତ ହୋଇଛନ୍ତି ୩୭ଜଣ ଅସହାୟ ରୋଗୀ। ଏହି ୩୭ଜଣ ସ୍ଥାନାନ୍ତର ହେବା ପରେ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଶନିବାର ଡେଷ୍ଟିଟ୍ୟୁଟ ଫ୍ରି ଘୋଷଣା କରାଯାଇଛି। ସ୍ଥାନାନ୍ତର ହୋଇଥିବା ୩୭ଜଣ ରୋଗୀଙ୍କ ମଧ୍ୟରେ ୧୭ଜଣ ପୁରୁଷ ଥିବାବେଳେ ୨୦ଜଣ ମହିଳା ରହିଛନ୍ତି। ଦୀର୍ଘ ୧୦ବର୍ଷ ହେବ ଏହି ରୋଗୀମାନେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକପ୍ରକାର ସ୍ଥାୟୀ ଅନ୍ତେବାସୀ ପାଲଟିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶମତେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଡେଷ୍ଟିଟ୍ୟୁଟ୍ ଫ୍ରି କରିବାକୁ ବିଭାଗୀୟ ନିର୍ଦ୍ଦେଶକ ପ୍ରଫେସର ସାରଦା ପ୍ରଶନ୍ନ ସ୍ୱାଇଁ ଉଦ୍ୟମ କରିଥିଲେ। ଏହି ଅନୁଯାୟୀ ଗତ ଅକ୍ଟୋବର ମାସରୁ ଏଠାରୁ ରୋଗୀ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ୬ମାସ ମଧ୍ୟରେ ଏଠାରୁ ମୋଟ ୧୦୩ଜଣ ଅସହାୟ ମାନସିକ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବିଭାଗୀୟ ନିର୍ଦ୍ଦେଶକ ପ୍ରଫେସର ସ୍ୱାଇଁ କହିଛନ୍ତି।

### ସରିଲା ଶେଷ ପର୍ଯ୍ୟାୟ ପ୍ରଚାର

**ନିଶ୍ଚିନ୍ତକୋଇଲି,୨୭।୪(ସ୍ୱ.ପ୍ର.):** ଆସନ୍ତା ୨୯ରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ସେଥିପାଇଁ ଶନିବାର ସନ୍ଧ୍ୟାରୁ ପ୍ରଚାର ବନ୍ଦ ହୋଇଛି। ଏବେ ଗାଁ ଗହଳିର ଚା ଦୋକାନ ଓ ଗାଁ ମଣ୍ଡପରେ ନିର୍ବାଚନୀ ଆଲୋଚନା, ସମାଲୋଚନା ଏବଂ ପର୍ଯ୍ୟାଲୋଚନା ଚାଲିଛି। ଏହାର ସୁଯୋଗ ନେଇ ବିଭିନ୍ନ ଦଳର ସମର୍ଥକ ନିଜ ନିଜ ଦଳ ସପକ୍ଷରେ ମତ ବାଢୁଛନ୍ତି। ଅନ୍ୟପକ୍ଷରେ ପ୍ରମୁଖ ଦଳର ନେତା ନିଜ ଦୁର୍ବଳ ଥିବା ସ୍ଥାନଗୁଡିକୁ ସ୍ଥିର କରି ଅନ୍ଧାରୀ ବିଜେ କରୁଛନ୍ତି। ପ୍ରଚାର ବନ୍ଦ ହେବା ପରେ ନୂଆ ପୁରୁଣା ଘଟଣାକୁ ନେଇ ପ୍ରାୟୋଜିତ ରାଜନୈତିକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଚହଳ ପକାଇଛି। ରାଜନୈତିକ ଦଳମାନେ ନିଜ ନିଜର ପତିଆରା ଜାହିର ପାଇଁ ଦଳର ନିର୍ବାଚନୀ ମୁଦ୍ଦାକୁ ପ୍ରଚାର ପ୍ରସାର କରୁଛନ୍ତି। ଗାଁରେ ସରକାରୀ ସ୍ତରରେ ଥିବା ବିଏଲଓମାନେ ଚିରକୁଟ ପ୍ରଦାନ କରିଥିଲେ ସୁଦ୍ଧା ତିନି ପ୍ରମୁଖ ଦଳ ନିଜ ନିଜ ଦଳୀୟ ଚିହ୍ନଥିବା ଚିରକୁଟ ବାଣ୍ଟୁଛନ୍ତି। ଶନିବାର ବିଭିନ୍ନ ମତଦାନ କେନ୍ଦ୍ରଗୁଡିକରେ ଭୋଟ କର୍ମଚାରୀ ପହଞ୍ଚି ସାରିଛନ୍ତି। ମାହାଙ୍ଗା ନିର୍ବାଚନୀମଣ୍ଡଳୀରେ ପ୍ରଚାର ଶେଷର ନିରବତା ହିଁ ବିଭିନ୍ନ ଦଳର ମୁଣ୍ଡବ୍ୟଥାର କାରଣ ହୋଇଛି। ଅବାଧ ନିରପେକ୍ଷ ନିର୍ବାଚନ ପାଇଁ ବିଭିନ୍ନ ଉତ୍ତେଜନାପ୍ରବଣ ବୁଥ ଓ ଗାଁଗାଁରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଥିବା ସୂଚନା ମିଳିଛି।

### ଗୋବିନ୍ଦ ରଥଙ୍କ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ,୨୭।୪(ସ୍ୱ.ପ୍ର.):** ବାଙ୍କୀ ବରପୁତ୍ର ପଣ୍ଡିତ ଗୋବିନ୍ଦ ରଥଙ୍କ ୧୦୧ତମ ଶ୍ରାଦ୍ଧ ଉତ୍ସବ ରବିବାର ପାଳନ କରାଯିବ। ଏହି ଉପଲକ୍ଷେ ଶନିବାର ଏକ ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବାଙ୍କୀ ବିଦ୍ୟାରତ୍ନ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ, ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତୁଳସୀପୁର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଶ୍ରୀସିଂହନାଥ ଦେବ ବିଦ୍ୟାପୀଠର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକଭାବେ କବି କୌଶିକ ନାୟକ, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଶିଶୁ ସାହିତ୍ୟିକ କମଳାକାନ୍ତ ମିଶ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ର ଚୟନ କରିଥିଲେ। ଏଥିସହିତ 'ପଣ୍ଡିତ ଗୋବିନ୍ଦ ରଥଙ୍କ ଓଡ଼ିଆ ଜାତିକୁ ଅବଦାନ' ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆମେ ବାଙ୍କୀ ବାସୀ ପଣ୍ଡିତ ଗୋବିନ୍ଦ ରଥଙ୍କ ପାଇଁ ଗୌରାବନ୍ୱିତ ବୋଲି ମତପ୍ରକାଶ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ସରକାରୀ ବାଳିକା ହାଇସ୍କୁଲର ଲୋରାଲିସା ମହାପାତ୍ର ୧ମ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପ୍ରଭୁଦତ୍ତ ପତି ୨ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍ନିଗ୍ଧା ସୁଚରୀତା ପ୍ରଧାନ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେମାନଙ୍କୁ ଶ୍ରାଦ୍ଧ ବାର୍ଷିକୀରେ ପୁରସ୍କୃତ କରାଯିବ। ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯିବ। ବାଙ୍କୀ କ୍ରେଡିଟ୍ କୋ-ଅପୋରେଟିଭ୍ ସୋସାଇଟ ମୁଖ୍ୟ କାର୍ଯ୍ୟନିର୍ବାହୀ କୃତିବାସ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡାଙ୍କ ଆବାହକତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସହଯୋଗ କରିଥିଲେ।

## ■ ଅର୍ଥାଭାବରୁ ମା' ମୃତଦେହକୁ ନଦୀବନ୍ଧରେ ପୋତିଲେ ୧୨ ବର୍ଷର ଝିଅ

# ଭିକ ମାଗି କଲେ ଶୁଦ୍ଧିକ୍ରିୟା

■ବିଳମ୍ବରେ ମିଳିଲା ହରିଶ୍ଚନ୍ଦ୍ର ସହାୟତା
■ଅସହାୟାଙ୍କୁ ସହାୟତା ଯୋଗାଇବାକୁ ଦାବି

**ଆଠଗଡ଼,୨୭।୪(ସ୍ୱ.ପ୍ର.)**

ଆଠଗଡ଼ ଥାନା ବେଣ୍ଟପଦା ପଞ୍ଚାୟତ ଅଧୀନ ମାନପୁର ଶବରସାହିରେ ଘଟିଛି ଏକ ଦୁଃଖଦ ଘଟଣା। ମା'ର ଅନ୍ତିମ ସଂସ୍କାର ପାଇଁ ଅର୍ଥ ନ ଥିବାରୁ ମୃତଦେହକୁ ୧୨ ବର୍ଷର ଝିଅ ଗ୍ରାମବାସୀଙ୍କ ସହାୟତାରେ ନଦୀ ବନ୍ଧରେ ପୋତି ଦେଇଛନ୍ତି। ସେହିପରି ଘରେ ଆଉ କେହି ନ ଥିବାରୁ ଭିକ୍ଷାମାଗି ଶୁଦ୍ଧିକ୍ରିୟା କାର୍ଯ୍ୟ ମଧ୍ୟ ଶେଷ କରିଛନ୍ତି ବୋଲି ଝିଅ ରଞ୍ଜିତା କହିଛନ୍ତି। ଏହି ଘଟଣା ପରେ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ କାଗଜକଲମରେ ଯୋଜନା ଚାଲୁଥିବାବେଳେ ବାସ୍ତବରେ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଶୁଦ୍ଧିକ୍ରିୟା ପରେ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପ୍ରଦାନ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି।

ସୂଚନା ଅନୁସାରେ, ମାନପୁର ଶବରସାହିର ଦାମ ଦେହୁରି ଗତ ବର୍ଷକ ତଳେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ଏହାପରେ ତାଙ୍କ ସ୍ତ୍ରୀ ସଞ୍ଜୁ ଓ ଝିଅ ରଞ୍ଜିତା ଦୁଃଖରେ କାଳାତିପାତ କରୁଥିଲେ। ପ୍ରାୟ ୫ ମାସ ତଳେ ସଞ୍ଜୁ ମଧ୍ୟ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। କିନ୍ତୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରି ନ ଥିଲେ। ଶେଷରେ ଗତ ୧୫ ତାରିଖରେ ମୃତ୍ୟୁ ବରଣ କରିଥିଲେ। ରଞ୍ଜିତା ଚଳିତ ବର୍ଷ ୭ମ ଶ୍ରେଣୀ ପାସ କରିଛନ୍ତି। ମା'ଙ୍କ ମୃତ୍ୟୁପରେ ସାହାଯ୍ୟ କରିବାକୁ କେହି ପରିବାର ଲୋକ ନାହାନ୍ତି। ଏହା ଦେଖି ଗ୍ରାମବାସୀ ସହାୟତାର ହାତ ବଢାଇଥିଲେ ହେଁ ସମସ୍ତେ ଗରିବ ଶ୍ରେଣୀର ହୋଇଥିବାରୁ ଆର୍ଥିକ ସହାୟତା କରି ପାରି ନ ଥିଲେ। ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ଅନ୍ତିମ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବା କଥା, ମାତ୍ର ସ୍ଥାନୀୟ ସରପଞ୍ଚଙ୍କୁ ଏ ସମ୍ପର୍କରେ ୱାର୍ଡ ସଭ୍ୟ ତିଳ ଦେହୁରି ଜଣାଇଥିଲେ। ହେଲେ ଉପଯୁକ୍ତ ସମୟରେ ତାହା ଯୋଗାଇ ଦିଆଯାଇପାରିଲା ନାହିଁ। ଏ ସମ୍ପର୍କରେ ବେଣ୍ଟପଦା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାଧବ ସାହୁ କହିଛନ୍ତି, ସରପଞ୍ଚ ଘଟଣା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରି ନ ଥିଲେ। ଖବର ପାଇବା ପରେ ଶୁକ୍ରବାର ହରିଶ୍ଚନ୍ଦ୍ର ଯୋଜନାର ସେହି ଝିଅକୁ ସହାୟତା ପ୍ରଦାନ କରାଯାଇଛି। ମା'ବାପା ଛେଉଣ୍ଡ ରଞ୍ଜିତା ଏକାକୀ କିପରି ଜୀବନ ନିର୍ବାହ କରିବେ ସେ ନେଇ ପଡୋଶୀ ଚିନ୍ତା ପ୍ରକଟ କରିଛନ୍ତି। ତେଣୁ ପ୍ରଶାସନ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ସରପଞ୍ଚ କନକ ସାହୁ କହିଛନ୍ତି, କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଜଣାଇ ନ ଥିଲି।

## ■ ୨୯ରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ

# ବିଭିନ୍ନ ବୁଥ୍‌କୁ ଗଲେ ପୋଲିଂ ପାର୍ଟି

**କଟକ ଅଫିସ୍,୨୭।୪**



ବିଭିନ୍ନ ବୁଥ୍‌କୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ପୋଲିଂ ପାର୍ଟି।

ଆସନ୍ତା ୨୯ ତାରିଖରେ କଟକ ଜିଲାର ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ନିଆଳି, ସାଲେପୁର ଓ ମାହାଙ୍ଗାରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଶନିବାର ସକାଳୁ ଭୁବନାନନ୍ଦ ଇଞ୍ଜିନିୟରିଂ ସ୍କୁଲ ପରିସରରୁ ପ୍ରତି ବୁଥ ପିଛା ୬ଜଣ ପୋଲିଂ ଅଧିକାରୀ ବିଭିନ୍ନ ବୁଥ୍‌କୁ ପଠାଯାଇଛି। ମତଦାନ ପ୍ରକ୍ରିୟା ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଶେଷ ହେବ। ଏଥିରେ ମୋଟ ୮୨୬ଟି ବୁଥ୍‌ରେ ୭ଲକ୍ଷ ୨୭ହଜାର ୬୬୪ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏହିସବୁ ନିର୍ବାଚନମଣ୍ଡଳୀରେ ୪୮୮ଟି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇ ୭୮ଟି ୱେବ କାଷ୍ଟିଂ,୧୯୮ଟି ସିସିଟିଭି ବ୍ୟବସ୍ଥା କରାଯାଇଛି। ସେହିପରି ୧୫୭ଜଣ ମାଇକ୍ରୋ ଅବଜରଭର ନିୟୋଜିତ କରାଯାଇ ୩୪ଟି ଭୋଟଗ୍ରହଣ କେନ୍ଦ୍ରରେ ଭିଡିଓଗ୍ରାଫି, ୨୧ଟି ଷ୍ଟିଲ କ୍ୟାମେରା ଓ ୬୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏହି ନିର୍ବାଚନ କାର୍ଯ୍ୟରେ ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୨୨୦ଟି ମୋଟରଯାନ, ମାହାଙ୍ଗାରେ ୨୭୦ଟି ଓ ନିଆଳିରେ ୨୪୧ଟି ମୋଟରଯାନ ବ୍ୟବହୃତ କରାଯାଇଛି। ପ୍ରକାଶଥାଉ କି, ବୋଷ ପରିସରରେ ଏହିସବୁ କାର୍ଯ୍ୟ ଜିଲା ନିର୍ବାଚନ ଅଧିକାରୀ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ପି.ଡି. ଡିଆରଡିଏ ସରୋଜକାନ୍ତ ମହାନ୍ତି ଓ ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା।

# ପରିମଳ, ପରିଚ୍ଛନ୍ନତା ପାଇଁ ଏକାଠି ହେଲେ ଆଇନଜୀବୀ

**କଟକ ଅଫିସ,୨୭।୪**

ସିଲଭର ସିଟି କଟକରେ ଲାଗିରହିଥିବା ପରିମଳ, ପରିଚ୍ଛନତା ଯୋଗୁ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଧୁନିକ ପ୍ରଣାଳୀରେ କିପରି ଦୂର କରାଯାଇପାରିବ ସେନେଇ ଓଡିଶା ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀମାନଙ୍କ ପକ୍ଷରୁ ବାଦାମବାଡିସ୍ଥିତ ମନୀଷା ରେସିଡେନ୍ସିଠାରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବକ ସମାଜର ସମ୍ପାଦକ ଅମିୟ ଭୂଷଣ ବିଶ୍ୱାଳଙ୍କ ପୌରହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ଜଳଯୋଗାଣ ଓ ସ୍ୱେରେଜ ବୋର୍ଡ ଏବଂ ଜାପାନ ଆନ୍ତର୍ଜାତିକ ସହଯୋଗୀ ସଂସ୍ଥାର ପ୍ରତିନିଧି ଶ୍ୟାମଳ କିଶୋର ଦାସ, ଇଂ କେ.ସି.ପରିଡା ଯୋଗଦେଇ ସହରର ପରିମଳ, ପରିଚ୍ଛନ୍ନତା କିପରି ବଜାୟ ରହିବ ସେନେଇ ଆଲୋଚନା କରିଥିଲେ। ଆଧୁନିକ ଜ୍ଞାନକୌଶଳରେ ନବନିର୍ମିତ ସ୍ୱେରେଜ ସିଷ୍ଟମ, ସ୍ୱେରେଜ ପମ୍ପିଙ୍ଗ ଷ୍ଟେଶନ, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ଗୃହର ବାହାରୁଥିବା ବର୍ଜ୍ୟଜଳ ନିଷ୍କାସନ ପାଇଁ ସ୍ୱେରେଜ ସିଷ୍ଟମ ସହ ସଂଯୋଗ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା ହୋଇଥିଲା। ଏଥିରେ ଉତ୍କଳ ସେବକ ସମାଜର ପ୍ରକଳ୍ପ ନିର୍ଦ୍ଦେଶକ ଇଂ ଅଦ୍ୱୟ ଅଭିନବ ଜନସାଧାରଣ କିପରି ରୋଷେଇ ଘର, ଗାଧୁଆ ଘର ଓ ପାଇଖାନା ଘରର ବର୍ଜ୍ୟ ଜଳକୁ ଭୂତଳ ପାଇପ ଲାଇନ ସହ ସଂଯୋଗ କରିବେ ଏବଂ ତା'ର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ୬୦ଜଣ ଆଇନଜୀବୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରକଳ୍ପ ସଂଯୋଜକ ପ୍ରମୋଦ କୁମାର ଓଝା ସଂଯୋଜନା କରିଥିଲେ। ପ୍ରକଳ୍ପର କମ୍ୟୁନିଟି କ୍ୟାମ୍ପେନର ଇପ୍‌ସିତା ପ୍ରିୟଦର୍ଶନୀ, ଲୋପାମୁଦ୍ରା ସିଂ, ଶୁଭ୍ରା ମୁର୍ଖାଜୀ ଏବଂ ରତିକାନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଆଇନଜୀବୀ କମଳାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ■ ଦାଣ୍ଡଯାତ୍ରା ବାଣ ବିସ୍ଫୋରଣ ଘଟଣା

# ଆଖି ବୁଜିଲେ ଅର୍ଜୁନ

**ନିଶ୍ଚିନ୍ତକୋଇଲି,୨୭।୪(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡୁଆଳ ପଞ୍ଚାୟତ ମଲ୍ଲୀପୁରସ୍ଥିତ ଶ୍ରୀଶ୍ରୀ ରଘୁନାଥ ଜୀଉଙ୍କ ଦାଣ୍ଡଯାତ୍ରା ବେଳେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ଅର୍ଜୁନ ସିଂ ଶନିବାର ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ତେବେ ଏପରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆ ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ରଘୁନାଥଙ୍କ ଦାଣ୍ଡ ବିଜେବେଳେ କୋଚିଲେଇ ପଡ଼ିଆରେ ମାନସିକ ବାଣ ଫୁଟାଯାଇଥିଲା। ବାଣ ନିଆଁ ଝଲକ ଏକ ବାଣ ଗଦାରେ ପଡିବାରୁ ବିସ୍ଫୋରଣ ହୋଇଥିଲା। ଏଥିରେ କୁଲଗାଁଇଶାଳୋ ଗ୍ରାମର ଅର୍ଜୁନ(୪୦) ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ସେଠାରେ ଦଳା ଚକଟା ହେବାରୁ ଦୁଇଜଣ ଆହତ ମଧ୍ୟ ହୋଇଥିଲେ। ଅର୍ଜୁନଙ୍କୁ ପ୍ରଥମେ କଟକ ବଡ ଡାକ୍ତରଖାନା ଓ ପରେ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣାରେ ଅଭିଯୋଗ ନ ହେବାରୁ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା ନିଜ ଆଡୁ ମାମଲା ନଂ-୪୭/୧୯ ରୁଜୁ କରିଥିଲେ। ମାମଲାରେ ସାଲେପୁର ଥାନା ପଦ୍ମପୁର ଅଞ୍ଚଳର ରାକେଶ ଦାସ(୩୨)ଙ୍କୁ ପୋଲିସକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଥାନା ଅଧିକାରୀ ପରିଡ଼ା କହିଛନ୍ତି, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହିତ ଆଗାମୀ ଦିନରେ ଏହି ବାଣ ଫୁଟାକୁ ନିଷିଦ୍ଧ କରାଯିବ।

### ଆମ ପୋଲିସ ସମିତି କାର୍ଯ୍ୟକ୍ରମ

**କଟକ ଅଫିସ୍,୨୭।୪:** ଚାଉଳିଆଗଞ୍ଜ ପୋଲିସ ପକ୍ଷରୁ ଶନିବାର ଥାନା ପରିସରରେ ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାଉଳିଆଗଞ୍ଜ ଅଞ୍ଚଳର ବରିଷ୍ଠ ନାଗରିକଙ୍କ ସମେତ ଶତାଧିକ ଲୋକ ଯୋଗଦେଇଥିଲେ। ଥାନା ଅଧିକାରୀ ଦୀପକ ମିଶ୍ର ଲୋକମାନଙ୍କ ଅଭିଯୋଗ ଶୁଣିବା ସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଥାନା ଅଞ୍ଚଳରେ ଅସାମାଜିକ ଲୋକମାନଙ୍କ ପ୍ରାଦୁର୍ଭାବ ବଢୁଥିବା ନେଇ ଲୋକେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। କଟକ ଓ ଚାଉଳିଆଗଞ୍ଜ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବାରୁ ଲୋକମାନେ ପୋଲିସକୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଚାଉଳିଆଗଞ୍ଜ ଥାନା ପୋଲିସ ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଥିଲା।

# ବିଜେଡିର କର୍ମୀ ସମାବେଶ

**ମାହାଙ୍ଗା,୨୭।୪(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଚାହାପଡ଼ା ପଞ୍ଚାୟତ ବିଜେଡିର ଏକ କର୍ମୀ ସମାବେଶ ସ୍ଥାନୀୟ ଅନ୍ଧ, ମୂକ, ବଧିର ସ୍କୁଲ ନିକଟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଯୋଗଦେଇ କେନ୍ଦ୍ରର ଭାଜପା ସରକାରକୁ ମିଛୁଆ ଓ କଥା କୁହା ସରକାର କହି କଡ଼ା ସମାଲୋଚନା କରିଥିଲେ। ତେଣୁ ତାଙ୍କୁ ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଯୁବନେତା ତ୍ରିଲୋଚନ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅତିଥିଭାବେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ମହିଳା ବ୍ଲକ ବିଜେଡି ସଭାନେତ୍ରୀ ନର୍ମଦା ନାୟକ, ସରପଞ୍ଚ ସ୍ୱାଗତିକା ମହାନ୍ତି, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ଯୁବନେତା ଅମିୟ ନାୟକ, ରାଜେଶ ରାଉତ, ମହେନ୍ଦ୍ର ରାଉତ, ଦିଲୀପ ବେହେରା ଓ କିଶୋର ରାଉତଙ୍କ ସମେତ ଶତାଧିକ ପୁରୁଷ, ମହିଳା ଏବଂ ଯୁବ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଶତାଧିକ କର୍ମୀ ଜେନାଙ୍କୁ ଏକ ବାଇକ ଶୋଭାଯାତ୍ରାରେ କମାରଛକଠାରୁ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ।

## ■ କରଡ଼ାପଲ୍ଲୀରେ ତୃତୀୟ ଜଲସା ସାଲାନା ଉଦ୍‌ଘାଟିତ

# 'ସକଳ ଧର୍ମର ମୂଳମନ୍ତ୍ର ଏକେଶ୍ୱରବାଦ'

**ଟିଗିରିଆ,୨୭।୪(ଡି.ଏନ.ଏ.)**




ଜଲସା ସାଲାନା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଭକ୍ତିରେ ହିଁ ଶକ୍ତି ମିଳିଥାଏ। ଈଶ୍ୱର ସର୍ବବ୍ୟାପୀ। ଉପାସନା କେବଳ ତାଙ୍କ ପାଇଁ ଉଦ୍ଦିଷ୍ଟ। ସକଳ ଧର୍ମର ମୂଳମନ୍ତ୍ର ଏକେଶ୍ୱରବାଦ। ସୃଷ୍ଟିର ପରମ କର୍ତ୍ତବ୍ୟ ଯେ, ସେ ପ୍ରଥମେ ସ୍ରଷ୍ଟାକୁ ଚିହ୍ନୁ। ତା'ର ଗୁଣଗାନ କରୁ। ତାହାରିଠାରେ ଶରଣ ପଶୁ। ସେହି ପରମ ସତ୍ତାଠାରୁ ସମସ୍ତ ସାହାଯ୍ୟ ମିଳିଥାଏ ବୋଲି କଟକ ଜିଲା ଟିଗିରିଆ ବ୍ଲକ ଅଧୀନ ଜମାତ ଅହମ୍ମଦିଆ କରଡ଼ାପଲ୍ଲୀଠାରେ ଆୟୋଜିତ ୩ୟ ବାର୍ଷିକ ଧର୍ମ ସମ୍ମିଳନୀ ଓ ଶତବାର୍ଷିକ ଉତ୍ସବରେ ଏହି ମତପ୍ରକାଶ ପାଇଛି।

ଶନିବାର ପୂର୍ବାହ୍ନ ୧୦ଟାରେ ଅହମ୍ମଦିଆ ମୁସଲିମ ସଙ୍ଗଠନର ପତାକା ଉତ୍ତୋଳନ କରାଯାଇ ଏହି ତୃତୀୟ ଜଲସା ସାଲାନା ଓ କରଡ଼ାପଲ୍ଲୀର ଶତ ବାର୍ଷିକ ପୂର୍ତ୍ତି ଉତ୍ସବ ଶୁଭାରମ୍ଭ ହୋଇଥିଲା। ସୁଦୂର ପଞ୍ଜାବରୁ ଆସିଥିବା ଅହମ୍ମଦିଆ ପ୍ରଚାର ବିଭାଗ ଅତିରିକ୍ତ ସଚିବ ମୌଲାନା ଜହିର ଅହମଦ ଖାଦ୍ଦିମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରଥମେ କୋରାନ ପାଠ ସେକ ସୁଲେମାନ କରିଥିବାବେଳେ ଫଜଲେ ମୋମିନ୍ ଉର୍ଦ୍ଦୁ କବିତା(ନଜମ୍) ପରିବେଷଣ କରିଥିଲେ। ମୁଖ୍ୟବକ୍ତା ମୌଲାନା ଇସମାଇଲ ଖାଁ ଯୋଗଦେଇ ଏକେଶ୍ୱରବାଦ ଭିତ୍ତିକ ତଥ୍ୟ ରଖିବା ସହ ଈଶ୍ୱରଙ୍କ ଜୀବନ୍ତ ନିଦର୍ଶନମାନ ଉପସ୍ଥାପନା କରିଥିଲେ। ସମ୍ମାନିତ ବକ୍ତା ମୌଲାନା ହାରୁନ ରସିଦ ହଜରତ ମହମ୍ମଦ ସର୍ବ ପ୍ରଥମେ ମାନବ ଅଧିକାରକୁ ପ୍ରଚଳିତ କରାଇଥିଲେ। ସେ ମାନବବାଦର ପ୍ରଚାର କରିଥିଲେ। ଅସହାୟ, ଦୀନଦରିଦ୍ରଙ୍କ ପାଇଁ ମସିହା ହୋଇ ଆସିଥିଲେ। ସେ ସର୍ବ ପ୍ରଥମେ ସମାଜରୁ କ୍ରୀତଦାସ ପ୍ରଥା, ନାରୀ ନିର୍ଯାତନା, ଦୁଷ୍କର୍ମ ତଥା ଭ୍ରଷ୍ଟାଚାର ଦୂର କରିଥିଲେ। ମହମ୍ମଦ ସମଗ୍ର ଜଗତବାସୀଙ୍କ ପାଇଁ ଦୟାର ସାଗର ହୋଇ ଆସିଥିଲେ ବୋଲି କହିଥିଲେ। ପରବର୍ତ୍ତୀ ବକ୍ତା ମୌଲାନା ସେକ୍ ଇସହାକ ଅଲ୍ଲୀ ସମାଜ ସୁଧାର ଯୁବ ସୁଧାର ବିନା ଅସମ୍ଭବ। ସମାଜରେ ଯୁବପିଢ଼ିଙ୍କୁ ନୈତିକ, ସାମାଜିକ ତଥା ଚାରିତ୍ରିକ କ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବର୍ତ୍ତନ ଆଣିବାକୁ ହେବ। ପାପ ଛୋଟ ହେଉ ବା ବଡ଼ ସେଥିରୁ ବଞ୍ଚିତ ରହିବା ଆବଶ୍ୟକ। ପାପକୁ ଘୃଣା କରି ସତକର୍ମକୁ ସୁଚାରୁରୂପେ କାର୍ଯ୍ୟକାରୀ କଲେ କର୍ମରେ ସୁଧାର ଆସିବ। ଇଚ୍ଛାଶକ୍ତି, ଜ୍ଞାନଶକ୍ତି ଏବଂ କର୍ମଶକ୍ତି ଦ୍ୱାରା ସୁଧାର କାର୍ଯ୍ୟ ସମ୍ପନ୍ନ ହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି କାରିନୱାବ ଅହମ୍ମଦ, କଟକ ଜିଲା ସଭାପତି ପ୍ରଫେସର ଅବଦୁଲ ଇସମାଇଲ ଖାଁ, ପଙ୍କାଳ ଜମାତ ଅହମ୍ମଦିଆ ସଭାପତି ରୌଶନ ଖାଁ, ମୌଲାନା ହଲିମ୍ ଅହଦ, ମୌଲାନା ଫଜଲ ହକଖାଁ, ସଫାରତ ଖାଁ ପ୍ରମୁଖ ଯୋଗ ଦେଇଥିଲେ। ରବିବାର ଏହି ଧର୍ମ ସଭା ଉଦ୍‌ଯାପିତ ହେବ।

### ନାବାଳକ ନିଖୋଜ

**କଟକ ଅଫିସ୍,୨୭।୪**

ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳର ସୂର୍ଯ୍ୟ ପ୍ରକାଶ ନାମକ ଜଣେ ନାବାଳକ ନିଖୋଜ ହୋଇଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୨୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ସୂର୍ଯ୍ୟ ଘରୁ କେଉଁଆଡେ ପଳାଇ ଯାଇଥିଲେ। ପରିବାର ଲୋକେ ସ୍ଥାନୀୟବାସିନ୍ଦା ଏବଂ ସମ୍ପର୍କୀୟଙ୍କୁ ପଚାରିଥିଲେ ମଧ୍ୟ କେହି ତାଙ୍କ ବିଷୟରେ ଜାଣି ନ ଥିବା କହିଥିଲେ। ଶେଷରେ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

### ଭାଜପା ପ୍ରାର୍ଥୀଙ୍କ ରୋଡ୍ ଶୋ

**କଣ୍ଟାପଡ଼ା,୨୭।୪(ଡି.ଏନ୍.ଏ.)**

ନିଆଳି ବିଧାନସଭାମଣ୍ଡଳୀର ଭାଜପା ପ୍ରାର୍ଥୀ ଛବି ମଲ୍ଲିକ ଶନିବାର ରୋଡ୍ ଶୋ କରିଛନ୍ତି। ବ୍ରାହ୍ମଣଝରିଲୋଠାରୁ ହଜାର ହଜାର କର୍ମୀଙ୍କ ସହ ରୋଡ୍ ଶୋ କରିବା ସହ ତାଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିଛନ୍ତି। ବ୍ରାହ୍ମଣଝରିଲୋ ବଜାରଠାରୁ ରୋଡ୍ ଶୋ ଆରମ୍ଭ ହୋଇ ନିଆଳି ଅଭିମୁଖେ ଯାଇଥିଲା। ଭାଜପା ନେତା ନ୍ୟାୟବ୍ରତ ରାଉତ, ବେଣୁଧର ବେହେରା, ଆର୍ତ୍ତତ୍ରାଣ ମଲ୍ଲିକ, ଅଭିମନ୍ୟୁ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ବାପି ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।



